# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 April - 2025

### News Editor : Tapan Kumar Maharana

********************************

## ମୁଖ୍ୟ ସମ୍ବାଦ

- ଜମ୍ମୁ-କଶ୍ମୀର ପେହେଲଗାମ ଆତଙ୍କବାଦୀ ଘଟଣାରେ ୨୬ ଜଣଙ୍କ ମୃତ୍ୟୁ; ପ୍ରଧାନମନ୍ତ୍ରୀ ଆଜି ସନ୍ଧ୍ୟାରେ କରିବେ ନିରାପତ୍ତା ସଂକ୍ରାନ୍ତ ବୈଠକ
- ପୁରୀଠାରେ ପଂଚାୟତିରାଜ ଦିବସ ପାଳନ ଅବସରରେ ଆସନ୍ତାକାଲି ଯୋଗ୍ୟ ହିତାଧିକାରୀମାନଙ୍କୁ ବଣ୍ଟନ କରାଯିବ ନୂତନ ରାସନକାର୍ଡ
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୮ଟି ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ

ଏବଂ

- ନିଜସ୍ୱ ଭାବେ ଅଧ୍ୟୟନର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପୁସ୍ତକ ଓ ସତ୍ତ୍ୱାଧିକାର ଦିବସ

## ଶ୍ରୀନଗର ଆତଙ୍କୀ ଆକ୍ରମଣ

ନିର୍ଭରଯୋଗ୍ୟ ସରକାରୀ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨ ଜଣ ସ୍ଥାନୀୟ ଲୋକଙ୍କୁ ମିଶାଇ ୨୬ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଛି। ଘଟଣାରେ ସଂଶ୍ଳିଷ୍ଟ ଥିବା ୩ ଜଣ ଆତଙ୍କବାଦୀଙ୍କର ଅଙ୍କିତ ଫଟୋ ଗୁଇନ୍ଦା ସଂସ୍ଥା ଓ ପୋଲିସ୍ ପକ୍ଷରୁ ଜାରି କରାଯାଇଛି ।

ଅନ୍ୟପକ୍ଷରେ, ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଉଦୀଆରବ ଗସ୍ତରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀ  ବିମାନବନ୍ଦରରେ ନିରାପତ୍ତା ସଂକ୍ରାନ୍ତ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର, ଜାତୀୟ ନିରାପତ୍ତା ଉପଦେଷ୍ଟା ଅଜିତ୍ ଡୋଭାଲ୍, ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ଏ ନେଇ ଆଲୋଚନା କରିଛନ୍ତି। ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ କ୍ୟାବିନେଟ୍‌ର ନିରାପତ୍ତା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପେହେଲଗାମ୍ ଆତଙ୍କବାଦୀ ଆକ୍ରମଣ ନେଇ ସମୀକ୍ଷା କରାଯିବ ବୋଲି ଜଣାପଡିଛି। ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍.ଆଇ.ଏର ଏକ ଟିମ୍ ଆକ୍ରମଣସ୍ଥଳରେ ପହଞ୍ଚିଥିବା ତଦନ୍ତ ଆରମ୍ଭ କରିଥିବା ଖବର ମିଳିଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶ୍ରୀନଗରଠାରେ ମୃତ ବ୍ୟକ୍ତିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆହତମାନଙ୍କୁ ହସ୍‌ପିଟାଲ୍‌ରେ ଭେଟିଛନ୍ତି। ବରିଷ୍ଠ

ଅଧିକାରୀଙ୍କ ସହ ପରିସ୍ଥିତିର ସମୀକ୍ଷା କରିଛନ୍ତି । ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ଜମ୍ମୁ-କଶ୍ମୀର ସରକାର ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

ପେହେଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଶ୍ରୀନଗରଠାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଭେଟିଛନ୍ତି। ମୃତ ଓଡ଼ିଆ ଯୁବକ ପ୍ରଶାନ୍ତ ଶତପଥୀଙ୍କ ପତ୍ନୀ ଓ ପୁତ୍ରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆତଙ୍କବାଦୀ ଆକ୍ରମଣ ଘଟଣାର ଦୃଢ଼ ନିନ୍ଦା କରିଛନ୍ତି । ଓଡ଼ିଆ ଯୁବକ ପ୍ରଶାନ୍ତଙ୍କ ମରଶରୀର ଆଜି ଅପରାହ୍ଣରେ ଶ୍ରୀନଗରରୁ ବାହାରି ରାତି ୧୦ଟା ସୁଦ୍ଧା ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ନେଇ ସୂଚନା ମିଳିଛି।

ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣ ପରେ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ପଂଚାୟତିରାଜ ଦିବସ

ପୁରୀ ତାଳବଣିଆଠାରେ ଆସନ୍ତାକାଲି ପଞ୍ଚାୟତିରାଜ ଦିବସ ପାଳନ କରାଯିବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାଜ୍ୟର ୫ ଲକ୍ଷ ୯୦ ହଜାର ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ ବଣ୍ଟନ ସହ ୧ ଲକ୍ଷ ୭୦ ହଜାର ସୁଭଦ୍ରା ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ଅର୍ଥରାଶି ପ୍ରଦାନ କରାଯିବ।

ପଞ୍ଚାୟତିରାଜ ଦିବସକୁ ସରକାରୀ ଛୁଟି ଘୋଷଣା ପାଇଁ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି କ୍ୟାବିନେଟ୍‌ରେ ପ୍ରସ୍ତାବ ରଖିଥିବା ଜଣାପଡିଛି ।

## ରାସନ କାର୍ଡ଼

ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ପୁରୀଠାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ ରାସନ କାର୍ଡ଼ ବଣ୍ଟନ କରିବେ । ଏ ସମ୍ପର୍କରେ ସୂଚନା ଦେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ୫ ଲକ୍ଷ ୯୦ ହଜାର ହିତାଧିକାରୀଙ୍କୁ ରାସନ୍ କାର୍ଡ଼ ଦିଆଯିବ । ରାଜ୍ୟରେ ଗତକାଲି ସୁଦ୍ଧା ପ୍ରାୟ ୨୫ ଲକ୍ଷ ଲୋକ ରାସନ କାର୍ଡ଼ ପାଇଁ ଇ.-କେ.ୱାଇ.ସି. କରି ନ ଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି....

**-V/O-***(Krushna Chandra Patra)*

## ବିଦ୍ୟାଳୟ ବନ୍ଦ

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆଜିଠାରୁ ଅଙ୍ଗନୱାଡ଼ି କେନ୍ଦ୍ର, ଶିଶୁବାଟିକା ଏବଂ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଷ୍ପତ୍ତି ଅନୁସାରେ,

ମହାବିଦ୍ୟାଳୟ ଗୁଡ଼ିକରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ଯଥା ସମୟରେ ହେବ। ଅଙ୍ଗନୱାଡ଼ି କେନ୍ଦ୍ରର ପିଲାମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗ୍ରୀଷ୍ମ ପ୍ରବାହ ସ୍ଥିତିର ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି।

## ସିଭିଲ୍ ଜଜ୍‌କୋର୍ଟ

ଉଚ୍ଚନ୍ୟାୟାଳୟର ପରାମର୍ଶକ୍ରମେ ରାଜ୍ୟରେ ଆଉ ୩ଟି ନୂଆ ସିଭିଲ୍ ଜଜ୍‌କୋର୍ଟ ସ୍ଥାପନ କରାଯାଇଛି । ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସୁନ୍ଦରଗଡ଼ର ଲେଫ୍ରିପଡା ଓ ସମ୍ବଲପୁରର ରେଙ୍ଗାଲିଠାରେ କୋର୍ଟଗୁଡ଼ିକ ସ୍ଥାପନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମତି ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

## କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଭାଗର ପ୍ରାୟ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିବା ଜଣାପଡିଛି । ବର୍ତ୍ତମାନ ରାଜ୍ୟ ମନ୍ତ୍ରିପରିଷଦର ବୈଠକ ଜାରି ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ବନକଲାଗି

ବୈଶାଖ କୃଷ୍ଣ ଦଶମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଖଦୀ-ଏମ୍‌ଏସ୍‌ଏମ୍‌ଇ

ଭାରତରେ ପ୍ରଥମଥର ପାଇଁ ଖଦୀ ଓ ଗ୍ରାମୋଦ୍ୟୋଗ କାରବାର ୧ ଲକ୍ଷ ୭୦ ହଜାର କୋଟି ଟଙ୍କା ଅତିକ୍ରମ କରିଛି ବୋଲି ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗର ଅଧ୍ୟକ୍ଷ ମନୋଜ କୁମାର କହିଛନ୍ତି। ଗତ ଆର୍ଥିକବର୍ଷ-୨୦୨୪-୨୫ ପାଇଁ ଖଦୀ ଓ ଗ୍ରାମୋଦ୍ୟୋଗର ଉତ୍ପାଦନ, ବିକ୍ରୟ ଏବଂ ନୂତନ ନିଯୁକ୍ତି ସୃଷ୍ଟିରେ ରେକର୍ଡ ସ୍ଥାପନ କରିଛି। ଗତ ୧୧ ବର୍ଷ ମଧ୍ୟରେ ଖଦୀ ସାମଗ୍ରୀ ବିକ୍ରୟରେ ୪୪୭ ପ୍ରତିଶତ, ଉତ୍ପାଦନରେ ୩୪୭ ପ୍ରତିଶତ ଏବଂ ନିଯୁକ୍ତି ସୃଷ୍ଟିରେ ୪୯ ଦଶମିକ ୨/୩ ପ୍ରତିଶତ ବୃଦ୍ଧି ଘଟିଛି। ମହିଳା ସଶକ୍ତୀକରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଷୟରେ ସେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ୭ ଲକ୍ଷ ୪୩ ହଜାର ୯୦୪ ଜଣଙ୍କୁ ତାଲିମ ଦିଆଯାଇଛି।

## ଆଇନ୍ ସେବା ପ୍ରାଧିକରଣ

**ସୁବର୍ଣ୍ଣପୁର** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବିକଳ୍ପ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆଇନ୍ ସହାୟତା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜର ଅବହେଳିତ ବର୍ଗ ସହ ଶିଶୁ, ମହିଳା ଓ ଅସହାୟ ଲୋକଙ୍କୁ ଆଇନ୍ ଓ ସ୍ୱାସ୍ଥ୍ୟ ସହାୟତା, ସାମାଜିକ ସୁରକ୍ଷା ପ୍ରଦାନ ଉପରେ ଆଇନ୍ ସେବା ପ୍ରାଧିକରଣର ସମ୍ପାଦିକା କୁମୁଦିନୀ ମୁଦୁଲୀ ଆଲୋଚନା କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପୀଡିତ ଲୋକଙ୍କ ସହ ଅଣସଂଗଠିତ ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ ଓ ଦିବ୍ୟାଙ୍ଗଙ୍କୁ ସରକାରୀ ସହାୟତା ସହିତ ଜନକଲ୍ୟାଣକାରୀ ଯୋଜନାରେ ଯୋଡ଼ିବା ପାଇଁ ଆଇନ ସହାୟକଙ୍କୁ

ଶିବିରରେ ତାଲିମ୍ ଦିଆଯାଇଛି । କାର୍ଯ୍ୟକ୍ରମରେ ୫୦ ରୁ ଅଧିକ ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବକ ଅଂଶଗ୍ରହଣ କରିଥିଲେ ।

## ପୁରସ୍କାର

ମୟୂରଭଂଜ ଜିଲ୍ଲା କୁସୁମୀ ବ୍ଲକ୍‌ର ହାଟବାଦଡା ପଂଚାୟତ ଆତ୍ମନିର୍ଭର ପଂଚାୟତ ଭାବେ ଜାତୀୟ ପୁରସ୍କାର ଲାଭ କରିଛି । ପଂଚାୟତ ଦିବସ ପାଳନ ଅବସରରେ ଆସନ୍ତାକାଲି ଏହି ପୁରସ୍କାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଦାନ କରିବେ । ବିହାର ରାଜଧାନୀ ପାଟନାର ମଧୁବନୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଟବାଦଡା ପଂଚାୟତ ସରପଂଚ ଏବଂ ତାଙ୍କ ଦଳକୁ ଏହି ପୁରସ୍କାର ବାବଦରେ ୭୫ ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରାଯିବ । ଜାତୀୟ ଆତ୍ମନିର୍ଭର ପଂଚାୟତ ପୁରସ୍କାରରେ ଦେଶର ଦ୍ୱିତୀୟ ସ୍ଥାନରେ ହାଟବାଦଡା ପଂଚାୟତ ସ୍ଥାନ ପାଇଛି ।

## ଲଙ୍କାପୋଡ଼ି ଯାତ୍ରା

**ନୟାଗଡ଼** ଜିଲ୍ଲା ଦଶପଲ୍ଲାର ଐତିହାସିକ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଶ୍ରୀରାମନବମୀଠାରୁ ଆରମ୍ଭ ହୋଇଥିବା ଏହି ରାମଲୀଳା ଆଜି ଶେଷ ହୋଇଛି । ଏହି ପ୍ରସିଦ୍ଧ ରାମଲୀଳା ନିଜର ମୌଳିକତା, ପାରମ୍ପରିକତା, ପ୍ରାଚୀନତା ଓ ଅନନ୍ୟତାକୁ ରକ୍ଷା କରି ବେଶ୍ ଆଦୃତି ଲାଭ କରିଛି । ଦୀର୍ଘ ୨୨୩ ବର୍ଷ ଧରି ଧାରାବାହିକ ଭାବେ ପ୍ରଦର୍ଶିତ ହୋଇଆସୁଥିବା ଏହି ରାମଲୀଳା କାର୍ଯ୍ୟକ୍ରମରେ କୌଣସି ଆଧୁନିକ

ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇ ପାରମ୍ପରିକ ପଦ୍ଧତି ଓ ପୋଷାକରେ ନାଟକ ପରିବେଷଣ ମୁଖ୍ୟ ଆକର୍ଷଣ ପାଲଟିଥାଏ।

କୁଞ୍ଜବନଗଡ଼ ଲୋକକଳା ପ୍ରବେଶ ଦ୍ୱାରା ୧୪ ଫୁଟ ଉଚ୍ଚ ହନୁମାନ ତୋରଣକୁ ବାଚସ୍ପତି ସୁରମା ପାଢ଼ୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଅନାବରଣ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୧ତମ ସଂସ୍କରଣ ହେବ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ପୁସ୍ତକ ଦିବସ

ପୁସ୍ତକର ମହତ୍ତ୍ୱ ବିଷୟରେ ସର୍ବସାଧାରଣଙ୍କୁ ଜଣାଇବାପାଇଁ ଆଜି 'ବିଶ୍ୱ ପୁସ୍ତକ ଏବଂ ସତ୍ତ୍ୱାଧିକାର ଦିବସ' ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ନିଜସ୍ୱ ଭାବେ ଅଧ୍ୟୟନ' । ପ୍ରତିବର୍ଷ ଏପ୍ରିଲ୍ ମାସ ୨୩ ତାରିଖକୁ ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନ କରାଯାଉଛି ।
ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସର ଶୁଭେଚ୍ଛା ଜଣାଇବା ସହ ପୁସ୍ତକର ଅନନ୍ତ ସୃଜନଶୀଳତାକୁ ପାଳନ କରିବା ଲାଗି ଆହ୍ୱାନ ଦେଇଛନ୍ତି। ପୁସ୍ତକ ପଠନ ସମସ୍ତଙ୍କୁ ସଶକ୍ତ କରିବା ସହ ନବସୃଜନ ଓ ସଂସ୍କୃତିର ସଂରକ୍ଷଣ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## କଳିଙ୍ଗ ସୁପରକପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା କଳିଙ୍ଗ ସୁପରକପ୍ ୨୦୨୫ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ବାଙ୍ଗାଲୋର ଏଫ୍‌ସି ଓ ଇଣ୍ଟର କାଶୀ ଏବଂ ଦ୍ୱିତୀୟ ମ୍ୟାଚ୍ ମୁମ୍ବାଇ ସିଟି ଏଫ୍‌ସି ଓ ଚେନାଇୟାନ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ।